## ଚନ୍ଦନେଶ୍ୱର ବଜାରରେ ବଢୁଛି ଟ୍ରାଫିକ ସମସ୍ୟା

# ଉଠା ଦୋକାନୀ ଓ ବେଆଇନ ପାର୍କିଂ ଯୋଗୁଁ ନାକେଦମ ଜନସାଧାରଣ

ଚନ୍ଦନେଶ୍ୱର,୧୭।୫(ସମିସ)



ଭୋଗରାଇ ବ୍ଲକର ବ୍ୟସ୍ତବହୁଳ ଚନ୍ଦନେଶ୍ୱର ବଜାରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ରୂପ ଧାରଣ କରୁଛି । ରାସ୍ତାର ଉଭୟ ପାଶ୍ୱର୍ରେ ଉଠା ଦୋକାନୀଙ୍କ ଅବାଧ ପସରା, ବେଆଇନ ଭାବେ ବାଇକ, ଟୋଟୋ ଓ ରିକ୍ସା ପାର୍କିଂ ସହ ଯାନବାହାନର ଅତ୍ୟଧିକ ଚାପ ଯୋଗୁଁ ସାଧାରଣ ଲୋକଙ୍କ ଦୈନନ୍ଦିନ ଯାତାୟାତ ଏବେ ଅସହ୍ୟ ହୋଇପଡ଼ିଛି । ପ୍ରଶାସନର ନୀରବତା ଓ ଅବହେଳାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦିନକୁ ଦିନ ବଢୁଥିବା ଦେଖାଯାଉଛି ।

ଭୋଗରାଇ ଅଞ୍ଚଳ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟର ଏକ ପ୍ରମୁଖ କେନ୍ଦ୍ର ଭାବେ ପରିଚିତ । ବିଶ୍ୱ ପ୍ରସିଦ୍ଧ ବାବା ଚନ୍ଦନେଶ୍ୱର ଶୈବ ପୀଠ, ଏସିଆ ମହାଦେଶର ସର୍ବବୃହତ ଶିବଲିଙ୍ଗ ଭାବେ ପରିଚିତ ବାବା ଭୂଷଣ୍ଡେଶ୍ୱର ମନ୍ଦିର, ମନୋରମ ବେଳାଭୂମି ଉଦୟପୁର, ତାଳସାରୀ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ବିଚିତ୍ରପୁର ଇକୋ-ଟୁରିଜିମ ସ୍ଥଳୀକୁ ପ୍ରତିଦିନ ଓଡ଼ିଶା ସହିତ ପଶ୍ଚିମବଙ୍ଗ ଓ ଅନ୍ୟାନ୍ୟ ରାଜ୍ୟରୁ ହଜାର ହଜାର ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆସୁଛନ୍ତି । ସେହିପରି ପଶ୍ଚିମବଙ୍ଗର ଦୀଘାକୁ ଯାଉଥିବା ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ ଚନ୍ଦନେଶ୍ୱର ବଜାର ଏକ ପ୍ରମୁଖ ଯାତାୟାତ ପଥ ହୋଇଥିବାରୁ ଏଠାରେ ସବୁବେଳେ ଯାନବାହାନର ଭିଡ଼ ଲାଗି ରହୁଛି ।

ବିଶେଷକରି ଚନ୍ଦନେଶ୍ୱର ମନ୍ଦିର ସମ୍ମୁଖରୁ ବିଜୁ ଗୋଲେଇ ହୋଇ ସୀତା ହୋଟେଲ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ଉଠା ଦୋକାନୀମାନେ ରାସ୍ତା ଦଖଲ କରି ବ୍ୟବସାୟ କରୁଥିବାରୁ ଯାନବାହାନ ଚଳାଚଳ ପାଇଁ ରାସ୍ତା ସଂକୀର୍ଣ୍ଣ ହୋଇପଡୁଛି । ଏହା ସହିତ ଅନିୟନ୍ତ୍ରିତ ଭାବେ ବାଇକ, ଟୋଟୋ ଓ ରିକ୍ସା ରାସ୍ତା କଡରେ ପାର୍କିଂ ହେଉଥିବାରୁ ସକାଳରୁ ସଞ୍ଜ ପର୍ଯ୍ୟନ୍ତ ଟ୍ରାଫିକ ଜାମ୍ ସୃଷ୍ଟି ହେଉଛି । ଅନେକ ସମୟରେ ଆମ୍ବୁଲାନ୍ସ ଓ ଜରୁରୀକାଳୀନ ଯାନବାହାନ ମଧ୍ୟ ଏହି ଜାମରେ ଅଟକି ରହୁଥିବା ଅଭିଯୋଗ ହେଉଛି ।

ସ୍ଥାନୀୟ ବ୍ୟବସାୟୀ, ପର୍ଯ୍ୟଟକ ଓ ସାଧାରଣ ଯାତ୍ରୀମାନଙ୍କ କହିବା ଅନୁଯାୟୀ, ଟ୍ରାଫିକ ନିୟନ୍ତ୍ରଣ ପାଇଁ ସ୍ଥାୟୀ ବ୍ୟବସ୍ଥା ନଥିବାରୁ ସମସ୍ୟା ଆହୁରି ଗୁରୁତର ହେଉଛି । ପର୍ବପର୍ବାଣୀ, ଶନିବାର-ରବିବାର ଓ ପର୍ଯ୍ୟଟନ ଋତୁରେ ପରିସ୍ଥିତି ଚରମ ସୀମାକୁ ପହଞ୍ଚୁଥିବା ବେଳେ ଯାତ୍ରୀମାନେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହିବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ସାଧାରଣ ମହଲରେ ପ୍ରଶାସନ ପ୍ରତି ଅସନ୍ତୋଷ ବଢୁଛି ।

ସ୍ଥାନୀୟ ଲୋକମାନେ ଚନ୍ଦନେଶ୍ୱର ବଜାରରେ ବଢୁଥିବା ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାସ୍ତା ପାଶ୍ୱର୍ରୁ ଉଠା ଦୋକାନୀଙ୍କୁ ଉଚ୍ଛେଦ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ନିୟମିତ ଟ୍ରାଫିକ ପୋଲିସ ମୁତୟନ ଓ କଡ଼ା ଯାନ ନିୟନ୍ତ୍ରଣ ବ୍ୟବସ୍ଥା କରିବାକୁ ଦାବୀ କରିଛନ୍ତି । ଯଦି ପ୍ରଶାସନ ଶୀଘ୍ର ପଦକ୍ଷେପ ନନେବ, ତେବେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଭୟାବହ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶଙ୍କା ପ୍ରକାଶ କରୁଛନ୍ତି ।

## ମଡର୍ଣ୍ଣ ପବ୍ଲିକ୍ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର



ବାଲେଶ୍ୱର,୧୭।୫(ସମିସ): ମେଘଡମ୍ବରୁସ୍ଥିତ ମଡର୍ଣ୍ଣ ପବ୍ଲିକ ସ୍କୁଲରେ ସାତ ଦିନ ଧରି ଚାଲିଥିବା ଗ୍ରୀଷ୍ମକାଳୀନ ଶିବିର ଉଦଯାପିତ ହୋଇଯାଇଛି । ଏହି ଶିବିରରେ ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଯଥା କ୍ରିକେଟ, ଫୁଟବଲ, ବାସ୍କେଟବଲ୍, ଚେସ୍, ନୃତ୍ୟ, ଗୀତ, ହସ୍ତକଳା, ଯୋଗ, ରୋବଟିକସ୍, ସନ୍ତରଣ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷା ନୀତା ଖଣ୍ଡେଲୱାଲ ଉଦ୍‌ଯାପନୀ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦିବାକର ମଡୁଆଳ ଗ୍ରୀଷ୍ମକାଳୀନ ଶିବିରର ବିବରଣୀ ପାଠ କରିଥିଲେ । ପିଲାମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଏବଂ ଯୋଗ ଆଦି ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ଉପାଧ୍ୟକ୍ଷ ରବୀନ୍ଦ୍ର ନାଥ ମହାନ୍ତି ପିଲାମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ସମେତ ଅନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ଅନ୍ୟତମ ଉପାଧ୍ୟକ୍ଷ ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୂଲ୍ୟ ବୃଦ୍ଧି ପ୍ରତିବାଦରେ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର,୧୭।୫(ସମିସ)




ପେଟ୍ରୋଲ, ଡିଜେଲ, ସିଏନ୍‌ଜି ଓ ସମସ୍ତ ବ୍ରାଣ୍ଡର ପ୍ୟାକେଟ କ୍ଷୀର ଉପରେ ଦର ବୃଦ୍ଧି ଘଟିଛି । ଫଳରେ ଲୋକଙ୍କ ଅର୍ଥନୀତି ଓ ରୋଷେଇ ଘର ଉପରେ ମହଙ୍ଗା ମାଡ଼ ପଡିଛି । ଏହାର ପ୍ରତିବାଦରେ ଆଜି ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ଅଧ୍ୟକ୍ଷା ଉର୍ମିଳା ମାଝୀଙ୍କ ନେତୃତ୍ୱରେ ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭ ପ୍ରଦର୍ଶନରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସ, ରେମୁଣା ବ୍ଲକ ସଭାପତି କହ୍ନେଇ ଚରଣ ବେହେରା, ଜଳେଶ୍ୱର ବ୍ଲକ ସଭାପତି ହେମନ୍ତ ଗିରି, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ମାହେଶ୍ୱରୀ ଦାସ, କୁମୁଦିନୀ ଦାସ, ଦୀପ୍ତିମୟୀ ହାଁସଦା, ସରସ୍ୱତୀ ହାଁସଦା, କବିତା ମାଝୀ, ଜାନୁ ମୁଖୀ, ଆରତୀ ଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ବିଜୟ କୁମାର ମହାନ୍ତି, ଆଶିଷ ପଟ୍ଟନାୟକ, ତୁଷାରକାନ୍ତି ତପସ୍ୱୀ, ଦେବଦତ୍ତ ଦାସ, ଜିଲ୍ଲା ଉପସଭାପତି ରାମ କୃଷ୍ଣ ଜେନା, ନିରଞ୍ଜନ ବେହେରା, ଚତୁର୍ଭୁଜ ପାତ୍ର, ବିଧାନ ଜେନା, ଜିଲ୍ଲା ସମ୍ପାଦକ ପଶୁପତି ଉପାଧ୍ୟାୟ, ଅଜୟ ଜେନା, ମଧୁସୂଦନ ରାଉତ, ସୋଭିକ ଜେନା, ଦୁର୍ଗା ଶଙ୍କର ଆସ, ମଙ୍ଗ ସିଂ ପ୍ରମୁଖ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ମୂଲ୍ୟ ବୃଦ୍ଧି ଉପରେ ସରକାର ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦର୍ଶାଇଥିଲେ ।

# ବିସ୍ଥାପିତ ୧୦ ପରିବାରକୁ ପାଣି ଓ ବିଜୁଳି କେବେ



**ଲଙ୍ଗଳେଶ୍ୱର,୧୭।୫(ସମିସ):** ବାଲିଆପାଳ ତହସିଲ ଅନ୍ତର୍ଗତ ବଣିଆଡ଼ିହା ପଞ୍ଚାୟତ ର ଭାଁରେଶ୍ୱର ଗ୍ରାମରେ ୧୦ଟି ପରିବାର ବିଜୁଳି ପାଣି ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଇ ଗ୍ରାମ କୋଷ୍ଟ କେନାଲ ବନ୍ଧ ପାଖରେ ୧୦ଟି ପରିବାର ସୁଖ ସୁବିଧାରେ ଦୀର୍ଘ ୩୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ରହିଆସୁଥିଲେ । ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ମଧ୍ୟ ପାଇ ଆସୁଥିଲେ । କିନ୍ତୁ କୋଷ୍ଟ କେନାଲ ରାସ୍ତାର ନୂଆ ପ୍ରଶସ୍ତୀକରଣ ହେବା ଫଳରେ ତହସିଲଦାର ଏବଂ ଅନ୍ୟ ସରକାରୀ ଅଧିକାରୀ ଆସି ସେମାନଙ୍କୁ ବୁଝାଇ ଶୁଝାଇ ସେଇ ଗ୍ରାମ କଷାଫଳ ଲଙ୍ଗଳେଶ୍ୱର ରାସ୍ତା କଡ଼ରେ ଏକ ତଳିଆ ଅଞ୍ଚଳରେ ରହିବା ପାଇଁ ଜାଗା ଦେଇଛନ୍ତି । କିନ୍ତୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଏଯାଏଁ ପ୍ରତିଶ୍ରୁତିରେ ହିଁ ରହିଯାଇଛି । ସରକାରୀ ଅଧିକାରୀଙ୍କ କଥା ମାନି ବିସ୍ଥାପିତ ହୋଇଥିବା ଏଇ ପରିବାର ବହୁ ଦୟନୀୟ ଅବସ୍ଥାରେ ଅଛନ୍ତି । ଏହା ଏକ ତଳିଆ ଅଞ୍ଚଳ ହୋଇଥିବାରୁ ବର୍ଷା ଦିନେ ବୁଡି ଯିବା ନିଶ୍ଚିତ । ୬ ମାସ ଧରି ଘର କରି ରହିବା ପରେ ବି ଏଯାଏଁ ପାନୀୟ ଜଳ ସୁବିଧା ବିଦ୍ୟୁତ୍ କରଣ ହୋଇପାରି ନାହିଁ । ଟୋପାଏ ପିଇବା ପାଣି ପାଇଁ ଡହଳ ବିକଳ ହେଉଥିବା ଏଇ ପରିବାର ଲୋକେ ତିନି କିମି ଯାଇ ପାଣି ଆଣିବାକୁ ଯାଆନ୍ତି ।ବର୍ତ୍ତମାନ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବିଦ୍ୟୁତ୍ ନ ଥିବାରୁ ପଙ୍ଖା ଟିଏ ନ ଚଳାଇ ପାରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାସି ଖାଲ ମଝିରେ ଥିବାରୁ ଯାତାୟାତ ପାଇଁ ଲୋକେ ନିଜ ଉଦ୍ୟମ ରେ ବାଉଁଶ ସାହାଯ୍ୟରେ ଅସ୍ଥାୟୀ ପୋଲ ତିଆରି କରିଛନ୍ତି । ତେଣୁ ଖୁବ୍ ଶୀଘ୍ର ଏଇ ପରିବାର ମାନଙ୍କ ପାଇଁ ପାନୀୟ ଜଳ ଓ ବିଦ୍ୟୁତ୍ ସୁବିଧା ଯୋଗାଇ ଦେବାକୁ ବିସ୍ଥାପିତ ପରିବାର କାର୍ତ୍ତିକ ଦଳାଇ, ପୂର୍ଣ୍ଣଚନ୍ଦ୍ର ଦଲାଲ, ପୂର୍ଣ୍ଣେନ୍ଦୁ ଖଟୁଆ, ଭାନୁମତୀ ପାଲ, ଛବି ଦଳାଇ, ଅଞ୍ଜନା ଗୋଛାୟତ ପ୍ରମୁଖ ଦାବି କରିଛନ୍ତି । ଯୁବ ନେତା ଜଗତ ଜୀବନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଲିଆପାଳ ତହସିଲ ଦାର ଜ୍ୟୋତ୍ସ୍ନାରାଣୀଙ୍କୁ ଭେଟି ଦୁଃଖ ଜଣାଇବା ପରେ ଖୁବ୍ ଶୀଘ୍ର ସମସ୍ୟା ସମାଧାନ ହେବ ବୋଲି କହିଥିଲେ । କିନ୍ତୁ ହାକିମ ବଦଳିଗଲା ହେଲେ ହୁକୁମ କାର୍ଯ୍ୟରେ ପରିଣତ ହେଲାନି । ଦେଖିବାକୁ ବାକି ରହିଲା କେବେ ସୁବିଧା ପାଇବେ ଏଇ ପରିବାର । ନୂଆ ତହସିଲଦାରଙ୍କ ସହିତ ଯୋଗାଯୋଗ ହୋଇପାରିନାହିଁ । ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଧା ରଞ୍ଜନ ଦାସଙ୍କୁ ପଚାରିବାରୁ ସେ ଏ ବାବଦରେ ଜାଣି ନାହାନ୍ତି ବୋଲି କହିଥିଲେ ।

# 'ଆର୍ଟ ଅଫ୍ ଗିଭିଂ'ର ପ୍ରତିଷ୍ଠା ଦିବସ



**ଜଳେଶ୍ୱର,୧୭।୫(ସମିସ):** ଆଜି ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂ ଦିବସ ଭାବରେ ଓଡିଶା ସମେତ ୨୨୦ରୁ ଅଧିକ ଦେଶରେ ପାଳନ କରାଯାଉଥିବା ବେଳେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ସହରରେ ମଧ୍ୟ ଆନ୍ତର୍ଜାତୀୟ ଆର୍ଟ ଅଫ ଗିଭିଂର ୧୩ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଚଳିତ ବର୍ଷର ସ୍ଲୋଗାନ ସେୟାର ଟୁ ସାଇନ, ଅର୍ଥାତ ନିଜର ଭଲ ଗୁଣକୁ ବାଣ୍ଟନ୍ତୁ ବାର୍ତାକୁ ନେଇ ସକାଳେ ଏକ ଗଣଦୌଡ ଜଳେଶ୍ୱର କାଳୀ ମନ୍ଦିର ନିକଟରୁ ଆରମ୍ଭ ହୋଇ ପୁରୁଣା କୋର୍ଟ ପର୍ଯ୍ୟନ୍ତ ଯାଇଥିଲା । ଆର୍ଟ ଅଫ ଗିଭିଂର ବାଲେଶ୍ୱର ଜିଲ୍ଲା ସଂଯୋଜକ ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ ଯୋଗଦେଇ ପତାକା ଦେଖାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ । ଏହି ଗଣଦୌଡ଼ରେ ଚଳିତବର୍ଷ ପ୍ରଥମଥର ପାଇଁ ଜଳେଶ୍ୱର ସ୍କେଟିଂ ଛାତ୍ର ଛାତ୍ରୀମାନେ ସାମିଲ ହୋଇଥିବା ବେଳେ ବହୁ ସଂଖ୍ୟାରେ କଲେଜ ଛାତ୍ର ଛାତ୍ରୀ, ଜଳେଶ୍ୱରର ବୁଦ୍ଧିଜୀବି ଓ ଜନସାଧାରଣ ଯୋଗଦେଇଥିଲେ । ଏହି ଅବସରରେ ପୁରୁଣା କୋର୍ଟ ନିକଟରେ ଆୟୋଜିତ ଏକ ସଭାରେ ଆର୍ଟ ଅଫ ଗିଭିଂର ଜଳେଶ୍ୱର ଶାଖା ସଭାପତି ସିଦ୍ଧାର୍ଥ ଶଙ୍କର ପାଳ ଅଧ୍ୟକ୍ଷତା କରିଥିବା ବେଳ ମୁଖ୍ୟ ଅତିଥି ଭାବେ ବିଜେପି ବରିଷ୍ଠ ନେତା ବ୍ରଜମୋହନ ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର ସଭାପତି ଚିନ୍ମୟ କୁମାର ଦାସ ଯୋଗଦେଇ ଆର୍ଟ ଅଫ ଗିଭିଂର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏହାର ମୁଖ୍ୟ ଡ. ଅଚ୍ୟୁତ ସାମନ୍ତଙ୍କ ଚିନ୍ତାଧାରାକୁ ମଧ୍ୟ ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ଜଳେଶ୍ୱର ବାର ଏସୋସିଏସନର ସଭାପତି କୁଞ୍ଜ ବିହାରୀ ଦାସ, ବରିଷ୍ଠ ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ, କମର୍ଦ୍ଧା ମହାବିଦ୍ୟାଳୟର ଅଧ୍ୟକ୍ଷ ସରୋଜ ରଂଜନ ସେନାପତି, ପୂର୍ବତନ ପ୍ରଧାନ ଶିକ୍ଷକ ଅଜିତ ମହାନ୍ତି, କାଉନସିଲର ସୁରଜ ଚୌରାସିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଲେଲିନ ପ୍ରଧାନ, ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ, ସୁକୁମାର ରଣା, ଅଶୋକ ଦାସ, ରବିନ୍ଦ୍ର ସେନାପତି, ସୁଶାନ୍ତ କୁମାର ଦାସ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଜଳେଶ୍ୱର ଶାଖା ସମ୍ପାଦକ ଗିରିଜା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଆର୍ଟ ଅଫ ଗିଭିଂ ଶାଖା ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦହି ସର୍ବତ ବିତରଣ କାର୍ଯ୍ୟକ୍ରମ

**ବାଲେଶ୍ୱର,୧୭।୫(ସମିସ):** ଜିଲ୍ଲା ବାୟୁସେନା ସଂଗଠନ ତରଫରୁ ଜନସାଧାରଣଙ୍କ ପାଇଁ ଆଜି ଦହି ସର୍ବତ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାୟୁସେନା ସଂଗଠନର ସମସ୍ତ ସଦସ୍ୟ ଓ ତାଙ୍କ ସହଧର୍ମିଣୀମାନେ ସହଯୋଗ କରିଥିଲେ । ବର୍ତ୍ତମାନ ଯେଉଁ ଗ୍ରୀଷ୍ମ ପ୍ରବାହ ସହିତ ଅତ୍ୟଧିକ ଗୁଲୁଗୁଳି ହେଉଛି, ସେଥିରୁ କିଛିଟା ଆଶ୍ୱସ୍ତି ପାଇଁ ବାୟୁସେନା ସଂଗଠନ ତରଫରୁ ଏହା ଏକ ସ୍ୱତନ୍ତ୍ର ଉଦ୍ୟମ । ସାଧାରଣ ଜନତାଙ୍କ ଭିତରେ ବାୟୁସେନା ପ୍ରତି ଏକ ସାକାର ମନୋଭାବ ଜାଗ୍ରତ କରିବା ଏହି ଦହି ସର୍ବତ ବିତରଣର ଆଉ ଏକ ଉଦ୍ଦେଶ । ଏହି କାର୍ଯକ୍ରମକୁ ସଫଳ କରିଥିବାରୁ ସର୍ବସାଧରଣ ରେ ବାୟୁସେନାର ପୂର୍ବତନ ସୈନିକମାନଙ୍କୁ ସମସ୍ତେ ପ୍ରଶଂସା କରୁଛନ୍ତି ।

## ବ୍ୟବସାୟୀଙ୍କ ଅକାଳ ବିୟୋଗ

**ସିମୁଳିଆ,୧୭।୫(ସମିସ):** ମାର୍କୋଣା ଷ୍ଟେସନ ବଜାରସ୍ଥିତ ବ୍ୟବସାୟୀଙ୍କ ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାରୁ ପ୍ରକାଶ ଷ୍ଟେସନ ବଜାର ମିଠା ଦୋକାନୀ ନନ୍ଦ କିଶୋର ସାହୁ (୫୭)ବର୍ଷ, କିଛି ଦିନ ଧରି ପାରାଲିସିସରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରରେ ଏକ ବେସରକାରୀ ମେଡିକାଲରେ ଚିକିତ୍ସିତ ହେଉଥିଲେ । ଆଜି ସକାଳ ସମୟରେ ହୃଦ୍‌ଘାତ ଘଟି ତାଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ ଓ ବନ୍ଧୁମିଳନ



**ବାଲେଶ୍ୱର(ଉତ୍ତର),୧୭।୫ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ନରେନ୍ଦ୍ରନାଥ ବିଦ୍ୟାପୀଠ ନାଇଦୋଳିର୨୦୧୧ମସିହାମେଟ୍ରିକବ୍ୟାଚର ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ଓ ଗୁରୁପୂଜନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ପଙ୍କଜ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ପୁରାତନ ଛାତ୍ର ବିବେକାନନ୍ଦ ପ୍ରଧାନ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ଅବସରପ୍ରାପ୍ତ ଖେଳ ଶିକ୍ଷକ ମନ୍ମଥ କୁମାର ବେହେରା ଛାତ୍ରଛାତ୍ରୀ ମଣିଷ ତିଆରି କାରଖାନାରେ ଶୃଙ୍ଖଳା, ସଂଯମ ଓ ସାଧନାରେ ସିଦ୍ଧିଲାଭ ପାଇଁ ଗୁରୁଙ୍କ ଉପଦେଶ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ସିଆର୍‌ସିସି ଶରତ କୁମାର ପରିଡ଼ା, ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ପରମାଣିକ, ଭୂଦୟ ପାଣିଗ୍ରାହୀ, ନିର୍ମଳ ମହାନ୍ତି, କମଳଲୋଚନ ଦାସ, ପ୍ରଶାନ୍ତ ପରିଡ଼ା, ରାମଚନ୍ଦ୍ର ଆଧେକ, ଅଣଶିକ୍ଷକ କର୍ମଚାରୀ ପ୍ରଫୁଲ୍ଲ ଗିରି ପ୍ରମୁଖ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପୁରାତନ ଛାତ୍ର ରତନ କୁମାର ପ୍ରଧାନ, ଗୌତମ ଦାସ ଅଧିକାରୀ, ଅନୁପମା ପ୍ରଧାନ ବର୍ଷା ରାଣୀ ସ୍ୱାଇଁ ଶୁଭଶ୍ରୀ ହୁମ, ଶୁଭଶ୍ରୀ ପ୍ରଧାନ, ଜଗନ୍ନାଥ କାମିଲା, କବିତା ଜେନା, କଲ୍ୟାଣୀ ମଣ୍ଡଳ, ଗିରିବାଳା ପାତ୍ର, ମମତା ଗିରି, ଉମାକାନ୍ତ ସି ପ୍ରମୁଖ ଗୁରୁଙ୍କ ମାଡ଼ ଯୋଗୁଁ ଆମେ ମଣିଷ ପଣିଆ ଶିଖିଛୁ ଓ ସଂଘର୍ଷ କରି ସାମାଜିକ କାର୍ଯ୍ୟରେ ପ୍ରତିଷ୍ଠିତ ହୋଇଛୁ ବୋଲି କହିବା ସହିତ ସଦ୍‌ଗୁରୁଙ୍କ ଉପଦେଶ ପରବର୍ତ୍ତୀ ପିଢ଼ିଙ୍କ ଚଲାପଥ କୁସୁମିତ ହେଉ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀ ସମସ୍ତ ଗୁରୁଙ୍କୁ ମାଳାଚନ୍ଦନ ଓ ପୁଷ୍ପଗୁଚ୍ଛ ଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ ।

## ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

**ସୋର,୧୭।୫(ସମିସ):** ସୋର ଥାନା ଗୋପୀନାଥପୁର ପଞ୍ଚାୟତ ବାଉଁଶପାଳ ଗ୍ରାମରେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଜଣେ ମହିଳାଙ୍କର ମୃତ୍ୟୁ ହୋଇଯାଇଛି । ସୂଚନା ଅନୁସାରେ ଏହି ଗ୍ରାମର ଗଙ୍ଗାଧର ନାୟକଙ୍କ ସ୍ତ୍ରୀ ସୁଲୋଚନା ନାୟକ(୪୦) ଆଜି ମଧ୍ୟାହ୍ନରେ ଗ୍ରାମ ନିକଟରେ ଥିବା ଏକ ମୋରମ ଖାଦାନ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ । ଏହି ସମୟରେ ମୃତ ମହିଳାଙ୍କ ଦେଢ଼ଶୁର ଉକ୍ତ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ସୁଲୋଚନା ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ସୋର ପୁଲିସ ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ କରିବାକୁ ପଠାଇବା ସହ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି । ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

# କିଶୋର ନ୍ୟାୟ ବୋର୍ଡରେ ଅଚଳାବସ୍ଥା ଆଶଙ୍କା

- ବୋର୍ଡର ଦୁଇ ସଦସ୍ୟଙ୍କ ନିଯୁକ୍ତି ନେଇ ପ୍ରଶ୍ନ
- ଶିକ୍ଷାଗତ ଯୋଗ୍ୟତା ନଥାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ମନୋନୀତ
- ପୁନଃବିଚାର କରିବାକୁ ଅନ୍ୟ ଆବେଦନକାରୀଙ୍କ ଦାବି

**ବାଲେଶ୍ୱର,୧୭।୫(ସମିସ):** ଜିଲ୍ଲାରେ କିଶୋର ନ୍ୟାୟ ବୋର୍ଡ ଅଚଳାବସ୍ଥାକୁ ଚାଲିଯିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । କାରଣ କିଶୋର ନ୍ୟାୟ ବୋର୍ଡରେ ନିଯୁକ୍ତି ପାଇଥିବା ଦୁଇ ସଦସ୍ୟ ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିମନ୍ତେ ମନୋନୀତ ହୋଇଛନ୍ତି । ବିଭାଗ ତରଫରୁ ୨୩ ତାରିଖ ସୁଦ୍ଧା ଯୋଗ ଦେବାକୁ ନିର୍ଦ୍ଦେଶ ଅଛି । ତେଣୁ ଦୁଇ ଜେଜେବି ସଦସ୍ୟ ସଦସ୍ୟା ଇସ୍ତଫା ଦେବା ଦିନଠାରୁ କିଶୋର ନ୍ୟାୟ ବୋର୍ଡ ଅଚଳ ହୋଇଯିବ ବୋଲି ସେଠାରେ କାର୍ଯ୍ୟ କରୁଥିବା ସରକାରୀ ଓକିଲ ଏବଂ ସମାଜସେବୀ ଆଶଙ୍କା ପ୍ରକାଶ କରିଛନ୍ତି । ଅନ୍ୟପଟେ ଆଇନ ସଙ୍ଗତ ଶିକ୍ଷାଗତ ଯୋଗ୍ୟତା ନଥାଇ ନିଯୁକ୍ତି ପାଇଥିବା ନେଇ ଅନ୍ୟ ଆବେଦନକାରୀ ସୁଜାତା ପଣ୍ଡା, ହରିଶ ରାଜ, ରମେଶ ସେଠୀ, ପ୍ରଣବ ପଣ୍ଡା ଏବଂ ଗଣେଶ୍ୱର ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି । ଏଥିସହିତ ପୁନଃବିଚାର କରିବାକୁ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ଉନ୍ନୟନ ବିଭାଗ ସଚିବ ଓ ନିର୍ଦ୍ଦେଶକଙ୍କୁ ଅନୁରୋଧ କରିଛନ୍ତି ।

ଅଭିଯୋଗ ଅନୁସାରେ, ବାଳ ଅପରାଧୀଙ୍କ ଦ୍ରୁତ ବିଚାର ନିମନ୍ତେ ଜିଲ୍ଲା ଦୌରାଜଜ୍‌ଙ୍କ ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ କିଶୋର ନ୍ୟାୟ ବୋର୍ଡ (ଜୁଭେନାଇଲ ଜଷ୍ଟିସ ବୋର୍ଡ) କାର୍ଯ୍ୟ କରିଥାଏ । ଏଥିରେ ପ୍ରିନ୍ସିପାଲ ମାଜିଷ୍ଟ୍ରେଟ ଭାବେ ଜଣେ ସିନିୟର ଜୁଡିସିଆଲ ମାଜିଷ୍ଟ୍ରେଟ ମୁଖ୍ୟ ଭାବରେ ନିଯୁକ୍ତି ପାଇଥାଆନ୍ତି । ତାଙ୍କୁ ସହାୟତା ନିମନ୍ତେ ସାମାଜିକ କାର୍ଯ୍ୟରେ ଅନ୍ୟୂନ ୭ ବର୍ଷର ଅଭିଜ୍ଞତା ସହିତ ଆଇନ ବିଷୟରେ ଜ୍ଞାନ ଥିବା ଜଣେ ମହିଳା ଏବଂ ଅନ୍ୟ ଜଣେ ପୁରୁଷଙ୍କୁ ତିନି ବର୍ଷ ପାଇଁ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିଯୁକ୍ତି ଦେଇଥାଏ । ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ଉନ୍ନୟନ ବିଭାଗ ତରଫରୁ ପତ୍ର ସଂଖ୍ୟା ୦୮୮୫ ରେ ଚଳିତ ବର୍ଷ ମେ ମାସ ୧୪ ତାରିଖରେ ସାକ୍ଷାତକାର ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ଆସନ୍ତା ୨୩ ତାରିଖ ସୁଦ୍ଧା ଯୋଗ ଦେବାକୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ସେଥିରେ କିଶୋର ନ୍ୟାୟ ବୋର୍ଡରେ ନିଯୁକ୍ତି ପାଇଥିବା ଦୁଇ ସଦସ୍ୟ ଜିଲ୍ଲା ଶିଶୁ ମଙ୍ଗଳ କମିଟି ନିମନ୍ତେ ମନୋନୀତ ହୋଇଛନ୍ତି । ତେଣୁ କିଶୋର ନ୍ୟାୟ ବୋର୍ଡରେ ନୂଆ ସଦସ୍ୟ ନିଯୁକ୍ତି ନହେବା ଯାଏଁ ଅଚଳା ଅବସ୍ଥାକୁ ସୁଧାର ନିମନ୍ତେ ଉଭୟ ସଦସ୍ୟ/ସଦସ୍ୟାଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟିକୁ ନନେବାକୁ ସେଠାରେ କାର୍ଯ୍ୟ କରୁଥିବା ସରକାରୀ ଓକିଲ ଓ ମହିଳା ସଂଗଠନମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

ଏତଦ ବ୍ୟତୀତ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ନିଯୁକ୍ତିକୁ ନେଇ ଅନ୍ୟ ଆବେଦନକାରୀ ସୁଜାତା ପଣ୍ଡା, ହରିଶ କୁମାର ରାଜ, ରମେଶ ଚନ୍ଦ୍ର ସେଠୀ, ପ୍ରଣବ କୁମାର ପଣ୍ଡା ଏବଂ ଗଣେଶ୍ୱର ରାଉତ ପ୍ରଶ୍ନ ଉଠାଇଛନ୍ତି । ନିୟମ ମୁତାବକ କମିଟିରେ ନିଯୁକ୍ତି ପାଇଥିବା ଚେୟାରପର୍ସନ ଜିଲ୍ଲାପାଳଙ୍କ ଠାରେ ଡକୁମେଣ୍ଟ ଯାଞ୍ଚବେଳେ ଅନୁପସ୍ଥିତ ଥିଲେ । ଏଣୁ ତାଙ୍କର ନିଯୁକ୍ତି ସମ୍ପୂର୍ଣ ବେଆଇନ ଅଟେ । ଜେଜେ ଆକ୍ଟ ଅନୁସାରେ ପ୍ରାର୍ଥୀ କିମ୍ବା ତାଙ୍କ ପରିବାର କୌଣସି ସଦସ୍ୟ କୌଣସି ସ୍ୱୀକୃତିପ୍ରାପ୍ତ ଶିଶୁ ଯତ୍ନ ଅନୁଷ୍ଠାନ ସହିତ ଜଡ଼ିତ ନଥିବେ । କିନ୍ତୁ ନିଯୁକ୍ତି ପାଇଥିବା ଅନ୍ୟ ଜଣେ ସଦସ୍ୟଙ୍କ ସ୍ତ୍ରୀ ଉତ୍କଳ ବାଳାଶ୍ରମ, ବାଲେଶ୍ୱରରେ ଚାରି ବର୍ଷ ହେଲା ପ୍ରୋବେସନ ଅଧିକାରୀ ଭାବେ ନିଯୁକ୍ତି ପାଇ କାର୍ଯ୍ୟ କରି ଆସୁଛନ୍ତି । ଯେଉଁ ତଥ୍ୟକୁ ଲୁଚାଇ ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି । ତେଣୁ ଜିଲ୍ଲାପାଳ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମହିଳା ଓ ଶିଶୁ ଉନ୍ନୟନ ବିଭାଗଙ୍କ ତ୍ରୁଟିକୁ ବିଚାର କରି ପଦକ୍ଷେପ ନେବାକୁ ଅନ୍ୟ ଆବେଦନକାରୀ ମାନେ ସାଂସଦ, ସମସ୍ତ ବିଧାୟକ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି ।

# ଜୀବନ ସହ ସଂଘର୍ଷ କରୁଛି ସୌମ୍ୟଜିତ

## ● ଟ୍ରକରେ ପାଲ ଢାଙ୍କିବା ବେଳେ ଦୁର୍ଘଟଣାର ଶିକାର ● ବିଦ୍ୟୁତ ସଂସ୍ପର୍ଶରେ ଆସି ହାତ ହରାଇଛି ନାବାଳକ

ହାଟଡ଼ିହୀ,୧୭।୫(ସମିସ):



ବାଲି ବୋଝେଇ ହାଇୱାରେ ପାଲ ଢାଙ୍କୁଥିବା ବେଳେ ଜଣେ ନାବାଳକ ୧୧କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୋଟିଏ ହାତ ହରାଇଛନ୍ତି। ଏହି ଘଟଣାରେ ପୀଡ଼ିତଙ୍କ ମାଆ ନନ୍ଦିପଦା ଥାନାର ଦ୍ୱାରସ୍ଥ। ନାବାଳକ ଜଣଙ୍କ ରାତିରେ ନିଜ ଘରେ ଶୋଇଥିବା ବେଳେ ତାଙ୍କୁ ଫୋନ କରି ଡ଼ାକିବା ସହ ଏଭଳି ବିପଦଜନକ କାର୍ଯ୍ୟରେ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୁଲିସକୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ସଦାନନ୍ଦ ସାହୁଙ୍କ ପୁଅ ସୌମ୍ୟଜିତ ସାହୁ(୧୪) ଗତ ମାର୍ଚ୍ଚ ମାସ ୧୧ତାରିଖରେ ହାବଳେଶ୍ୱର ହାଇସ୍କୁଲ୍ ନିକଟରେ ଓଡ଼ି-୦୯ପି-୭୭୪୪ ନମ୍ବର ବିଶିଷ୍ଟ ଏକ ବାଲି ବୋଝେଇ ହାଇୱା ଟ୍ରକରେ ପାଲ ଢାଙ୍କୁଥିବା ବେଳେ ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସୋମ୍ୟଜିତଙ୍କୁ ଉଦ୍ଧାର କରି ତାଙ୍କୁ ପ୍ରଥମେ ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଅବସ୍ଥା ଅଧିକ ଗମ୍ଭିର ହେବାରୁ ପରେ ଉନ୍ନତ ଚିକିତ୍ସା ପାଇଁ ପରିବାର ଲୋକ ସୋମ୍ୟଜିତଙ୍କୁ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ନାବାଳକଙ୍କ ଡାହାଣ ହାତଟି ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ହାତଟିକୁ କାଟିବା ସହ ଡାକ୍ତରଖାନାରେ ଦୀର୍ଘ ୪୦ଦିନ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ନାବାଳକଙ୍କୁ ରାତିରେ ଏଭଳି କାର୍ଯ୍ୟରେ ନିୟୋଜିତ କରିଥିବା ଶାଳଣିଆଁ ପଞ୍ଚାୟତ ଅନ୍ତର୍ଗତ ଏଲକଣିଆଁ ଗ୍ରାମର ଯୋଗେନ୍ଦ୍ର ବେହେରା ଓ ତାଙ୍କ ପୁଅ ଶୁଭାଶିଷ ବେହେରାଙ୍କ ବିରୁଦ୍ଧରେ ନାବାଳକର ମାଆ ସୌଦାମିନୀ ସାହୁ ୧୩.୦୫.୨୦୨୬ ରିଖରେ ନନ୍ଦିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୌଦାମିନୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ଅଜାଣତରେ ଯୋଗେନ୍ଦ୍ରଙ୍କ ସାନପୁଅ ସୁଭାଶିଷ ଘଟଣା ଦିନ ନିଜ ମୋବାଇଲ ନଂ-୭୮୪୮୮୯୩୨୯୯ରୁ ସୋମ୍ୟଜିତକୁ ଫୋନ କରିବା ସହ ଟଙ୍କାର ପ୍ରଲୋଭନ ଦେଖାଇ ଗାଡିର ହେଲପର ହିସାବରେ ଡାକି ନେଇଥିଲେ। ସୌଦାମିନୀଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବା ବେଳେ ସ୍ୱାମୀ ଏକ ଗାଡି ଗ୍ୟାରେଜ କରି ପରିବାର ପ୍ରତିପୋଷଣ କରନ୍ତି। ଡାକ୍ତରଖାନାରେ ପୁଅର ଚିକିତ୍ସା ଆୟୁଷ୍ମାନ କାର୍ଡରେ ହୋଇଥିବାବେଳେ ତାଙ୍କ ହାତରୁ ୩ଲକ୍ଷରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ସୌମ୍ୟଜିତଙ୍କ ଚିକିତ୍ସା ପାଇଁ ଆବଶ୍ୟକ ସମସ୍ତ ଅର୍ଥ ଯୋଗେନ୍ଦ୍ର ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବେଳେ ମାତ୍ର ଏପର୍ଯ୍ୟନ୍ତ ମାତ୍ର ୬୦ ହଜାର ଟଙ୍କା ଦେଇଛନ୍ତି। ପୁଅର ହାତ ଲଗାଇବା ପାଇଁ ୧୭ ଲକ୍ଷ ଟଙ୍କା ଆବଶ୍ୟକ ହେଉଥିବା ବେଳେ ଯୋଗେନ୍ଦ୍ର ଏବଂ ତାଙ୍କ ପୁଅ ଶୁଭାଶିଷ ଆଉ ସହଯୋଗ କରୁନଥିବା ସୌଦାମିନୀ ଅଭିଯୋଗ କରିଛନ୍ତି। ପୁଅର ଚିକିତ୍ସା ପାଇଁ ଟଙ୍କା ମାଗିବାରୁ ଯୋଗେନ୍ଦ୍ର ତାଙ୍କୁ ବିଭିନ୍ନ ପ୍ରକାର ଧମକ ଦେଉଥିବା ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ସୌଦାମିନୀଙ୍କ ଲିଖିତ ଅଭିଯୋଗ ଆଧାରରେ ନନ୍ଦିପଦା ଥାନା ପୁଲିସ ଅଭିଯୁକ୍ତ ଯୋଗେନ୍ଦ୍ର ଓ ତାଙ୍କ ପୁଅ ଶୁଭାଶିଷଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୫ (ଖ), ୩୫୧(୨), ୩(୫) ଓ ଶିଶୁ ଏବଂ କିଶୋର ଶ୍ରମ (ନିଷେଧ ଏବଂ ନିୟନ୍ତ୍ରଣ) ଆଇନ, ୧୯୮୬ ର ଧାରା ୧୪(୧) ରେ ଏକ ମାମଲା (ନଂ - ୨୦୬/୨୦୨୬) ରୁଜୁ କରିଥିବା ଜଣାପଡିଛି। ଜଣେ ୧୪ ବର୍ଷୀୟ ନାବାଳକଙ୍କୁ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟରେ ଲଗାଇଥିବା ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ତରୁହାଁ ରାସ୍ତାକଡ଼ରେ ଥିବା ଗଛକୁ କାଟିଲା କିଏ ?

ଆନନ୍ଦପୁର,୧୭।୫ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ୍ ଅନ୍ତର୍ଗତ ତରୁଆଁଠାରୁ ଯାଜପୁର ଜିଲ୍ଲା କୋରେଇ ବ୍ଲକର ରଗଡ଼ିକୁ ସଂଯୋଗ କରୁଥିବା ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ରାସ୍ତା କାମ ନାଁରେ ରାସ୍ତାକଡ଼ରେ ଥିବା ବହୁ ଗଛ କାଟି ସଫା କରାଯାଇଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ତରୁଆଁ ଦଧିବାମନ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇଥିବା ଏହି ରାସ୍ତାର ନୂତନ ପିଚୁ କାମକୁ ସାଧାରଣ ଲୋକ ସ୍ୱାଗତ କରିଥିଲେ ମଧ୍ୟ ଗଛ କାଟିବା ଘଟଣାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ରାସ୍ତା ପ୍ରଶସ୍ତୀକରଣ ନାଁରେ ବର୍ଷ ବର୍ଷ ଧରି ଥିବା ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି। ଗଛ ଲଗାଇ ପରିବେଶ ସୁରକ୍ଷା କରିବାକୁ ସରକାର ସଚେତନତା ସୃଷ୍ଟି କରୁଥିବା ବେଳେ କେଉଁ ଅନୁମତିରେ ଏତେ ସଂଖ୍ୟକ ଗଛ କାଟାଗଲା ? କାହା ଛତ୍ରଛାୟା ତଳେ ଏଭଳି ଗଛ କଟା ହେଲା ତାହାର ତଦନ୍ତ କରିବାକୁ ଦାବି ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ, ଗଛ କାଟିବା ପୂର୍ବରୁ ସ୍ଥାନୀୟ ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନଥିଲା। ରାସ୍ତା ଉନ୍ନତି ନାଁରେ ପରିବେଶ ଧ୍ୱଂସକୁ ନେଇ ସେମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଗଛ କାଟିବା ପଛରେ କାହାର ଭୂମିକା ରହିଛି ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।



# ଫାଶି ଲଗାଇ ନାବାଳିକା ଛାତ୍ରୀଙ୍କ ଆତ୍ମହତ୍ୟା

ଡୁରୁମୁଙ୍ଗା, ୧୭।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ମୁଷାଖୋରୀ ପଞ୍ଚାୟତ ଗିରିଧିନା ଗ୍ରାମର କାଜୁ ବଗିଚାରେ ରବିବାର ସକାଳେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀ ନିଜ ପିନ୍ଧା ଡ୍ରେସର ଚୁନି ସାହାଯ୍ୟରେ ଫାଶି ଦେଇ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିଥିବା ଛାତ୍ରୀ ଜଣକ ବାମେବାରୀ ଥାନା ଜଜାଙ୍ଗ ଗ୍ରାମର ସ୍ୱର୍ଗତ ସଞ୍ଜୟ ମାଝୀଙ୍କ ଝିଅ ଲୀସା ମାଝୀ (୧୩)। ଲିସା ଗିରିଧିନା ଗ୍ରାମର ନିଜ ସମ୍ପର୍କୀୟଙ୍କ ଘର ପିତାମ୍ବର ମାଝୀଙ୍କ ଘରେ ରହି ସୋରାସକୋଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। କୌଣସି କାରଣରୁ ସେ ଆଜି ସକାଳ ୬ଟା ସମୟରେ ଶୌଚ ହେବାକୁ ଯାଉଛି କହି ଘରୁ ବାହାରି ଯାଇ ଆଉ ଘରକୁ ଫେରି ନଥିଲେ। ଖୋଜାଖୋଜି କରିବା ପରେ ଘର ପଛପଟରେ ଥିବା ଏକ କାଜୁ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଘଟଣାସ୍ଥଳରେ ପାଟଣା ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଥାନାରେ ୨୦/୨୬ ଅପମୃତ୍ୟୁ ମାମଲା ରୁଜୁ କରିଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ଥିବା ବେଳେ ପ୍ରେମଜନିତ କାରଣରୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

# ମତା ଗ୍ରାମରେ ଘର ଭାଙ୍ଗିଲା ହାତୀ

କରଞ୍ଜିଆ, ୧୭।୫(ସମିସ): ଗୋଠ ଛଡା ଝାଡ଼ଖଣ୍ଡି ଦନ୍ତା ହାତୀ ଉତ୍ପାତ କରୁଛି। ଗତକାଲି ରାତିରେ କରଞ୍ଜିଆ ବନଖଣ୍ଡର ମତା ଗ୍ରାମରେ ଗୋଟିଏ ଘର, ଦରି ଗ୍ରାମରେ ଗୋଟିଏ ଘର ଭାଙ୍ଗିଛି। ଠିଆନାଳି ଗ୍ରାମରେ ଘରର ଝରକା ଭାଙ୍ଗିଛି। ଝାଡ଼ଖଣ୍ଡି ହାତୀର ଉତ୍ପାତ ଦେଖି ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ହାତୀଟି କେନ୍ଦୁଝର ଜିଲ୍ଲା ସାହାରପଡା ଅଞ୍ଚଳରେ ଅନ୍ୟ ତିନୋଟି ହାତୀ ସହିତ ଥିଲା। ଦୁଇଦିନ ହେଲା କରଞ୍ଜିଆ ବନଖଣ୍ଡକୁ ପଶି ଆସିଛି। ହାତୀଟି ଆଜି ସିଙ୍ଗଡ଼ା ସେକ୍ସନର ପୋଖରୀଆ ଜଙ୍ଗଲରେ ଆଶ୍ରୟ ନେଇଛି।

# ଯୁବକଙ୍କ ଅକାଳ ବିୟୋଗ

ରାଇରଙ୍ଗପୁର,୧୭।୫(ସମିସ): ବହଳଦା ଅଞ୍ଚଳରେ ଯୁବକଙ୍କ ଅକାଳ ବିୟୋଗ ଘଟିଛି। ଯୁବକ ଜଣକ କୁଲଗୀ ଗ୍ରାମର ଶୁଭ୍ରାଂଶୁ ପଟ୍ଟନାୟକ (୨୩)। ସେ ବହଳଦା ବ୍ଲକର ପୂର୍ବତନ କୃଷି ଅଧିକାରୀ ସ୍ୱର୍ଗତ ତାପସ କୁମାର ପଟ୍ଟନାୟକ ଓ ଶିକ୍ଷୟିତ୍ରୀ ବନ୍ଦନା ମହାନ୍ତିଙ୍କ ପୁତ୍ର ଅଟନ୍ତି। ରାଇରଙ୍ଗପୁର ପୁରୁଖା ଓକିଲ ତଥା ବାମନଘାଟୀ ସାମ୍ବାଦିକ ରୁଦ୍ରନାରାୟଣ ପଟ୍ଟନାୟକଙ୍କ ନାତି, ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଧିକାରୀ ଓ ସାମ୍ବାଦିକ ରବୀନ୍ଦ୍ର ପଟ୍ଟନାୟକଙ୍କ ପୁତୁରା ଅଟନ୍ତି। ଖଡ଼ଖାଇ ନଦୀକୂଳ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେ କିଛି ବର୍ଷ ହେବ ଅସୁସ୍ଥ ଥାଇ ଚିକିତ୍ସାଧୀନ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦ ପୂରଣ ଦାବି

ରାଇରଙ୍ଗପୁର,୧୭।୫ (ସମିସ): ତିରିଂ ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଅଭାବ ରହିଛି। ରୋଗୀ ଚିକିତ୍ସା ନିମନ୍ତେ ଆସି ଡାକ୍ତର ପାଉ ନ ଥିବାବେଳେ ଆବଶ୍ୟକ ଚିକିତ୍ସା ଯନ୍ତ୍ରପାତିର ମଧ୍ୟ ସୁବିଧା ପାଉନାହାନ୍ତି। ଏହାର ଅଭାବ ଦୂର କରିବା ପାଇଁ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ୍) ତିରିଂ ବ୍ଲକ୍ କମିଟି ପକ୍ଷରୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହାର ଏକ ନକଲ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜେଏମଏମ ତିରିଂ ବ୍ଲକ ସଭାପତି ଫାଗୁ ଚରଣ ସୋରେନଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ତିରିଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ତିରିଂ, ପୋଖରିଆ ଓ ଆଖପାଖ ଅଞ୍ଚଳର ୮୦ଟି ଗ୍ରାମର ହଜାର ହଜାର ଲୋକ ଚିକିତ୍ସା ପାଇଁ ନିର୍ଭରଶୀଳ ଅଛନ୍ତି। କିନ୍ତୁ ତିରିଂ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନେକ ଡାକ୍ତର ଓ ପାରା ମେଡିକାଲ ପଦ ଦୀର୍ଘଦିନ ଧରି ଖାଲିପଡ଼ିଛି। ଯାହାକୁ ନେଇ ରୋଗୀ ସଠିକ୍ ଭାବେ ସ୍ୱାସ୍ଥ୍ୟସେବା ପାଇବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲରେ ସୁପରିଣ୍ଟେଣ୍ଡେଣ୍ଟ, ମେଡିସିନ୍ ସ୍ପେଶାଲିଷ୍ଟ, ଫାର୍ମାସିଷ୍ଟ, ଆୟୁଷ ଚିକିତ୍ସକ, ଆର୍‌ବିଏସ୍‌କେ କର୍ମଚାରୀ ସହିତ ଖାଲିପଡ଼ିଥିବା ସମସ୍ତ ପଦବୀ ତୁରନ୍ତ ପୂରଣ କରିବାକୁ ଦାବି କରାଯାଇଛି।




ସେହିପରି ଡିଜିଟାଲ ଡେଣ୍ଟାଲ ଏକ୍ସରେ, ଇସିଜି, ଅଲ୍ଟ୍ରାସାଉଣ୍ଡ, ସିବିସି, ଇଲେକ୍ଟ୍ରୋଲାଇଟ୍ ମେସିନ, ପଲ୍ସ ଅକ୍ସିମିଟର ଓ ଅନ୍ୟାନ୍ୟ ଆବଶ୍ୟକ ଯନ୍ତ୍ରପାତି ଯୋଗାଇବା ପାଇଁ ମଧ୍ୟ ଦାବି ହୋଇଛି। ଏହାସହିତ ଷ୍ଟାଫ୍ ନର୍ସଙ୍କ ଖାଲି ପଦ ପୂରଣ କରିବା ଓ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି କରିବାକୁ ଦାବି କରାଯାଇଛି। ଏ ନେଇ ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଜେଏମଏମ୍ ତିରିଂ ବ୍ଲକ୍ କମିଟି ଚେତାବନୀ ଦେଇଛି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ଶ୍ରୀ ସୋରେନ, ଜିଲ୍ଲା ସଂଗଠନ ସମ୍ପାଦକ ଶାଙ୍ଖ ଚରଣ ମାଝୀ, ସମ୍ପାଦକ ମହେନ୍ଦ୍ର ଗୋଡସରା, ଉପସଭାପତି ସୁନ୍ଦରମୋହନ ମୁର୍ମୁ, କୋଷାଧ୍ୟକ୍ଷ ଗୁରୁଚରଣ ସୋରେନ, ମଙ୍ଗଲ ମାର୍ଣ୍ଡି, ଗୋପାଲ ମୁର୍ମୁ, ଲକ୍ଷ୍ମଣ ଟୁଡୁ ଓ ଗୁପାତ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

# ମୟୂରଭଞ୍ଜ ଜିଲ୍ଲାରେ ଆର୍ଟ ଅଫ୍ ଗିଭିଂ ଦିବସ




ବାରିପଦା, ୧୭।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ କିଟ୍, କିସ ପକ୍ଷରୁ ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଂ ଦିବସ ପାଳିତ ହୋଇଛି। ଚଳିତବର୍ଷ ଥିମ ରହିଛି ସେୟାର ଟୁ ସାଇନ୍। ଆର୍ଟ ଅଫ୍ ଗିଭିଂ କ'ଣ, ଏହାର ଉଦ୍ଦେଶ୍ୟ କ'ଣ ସମସ୍ତେ ଜାଣିବା ଦରକାର। ରବିବାର ପାଳିତ ହୋଇଛି ଦ୍ୱାଦଶ ଆନ୍ତର୍ଜାତିକ ଆର୍ଟ ଅଫ ଗିଭିଂ ଦିବସ। ସମାଜରେ ପରସ୍ପର ମଧ୍ୟରେ ସାହାଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ବାଣ୍ଟିବା ପାଇଁ ୨୦୧୩ ମେ ୧୭ ତାରିଖ ଦିନ ଶିକ୍ଷାବିତ ତଥା ସମାଜସେବୀ ଡଃ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉକ୍ତ ଦିବସ ଆରମ୍ଭ ହୋଇଥିଲା। ଆଜି ସମଗ୍ର ବିଶ୍ୱରେ ଆଦୃତ ଲାଭ କରିଛି ଆର୍ଟ ଅଫ ଗିଭିଂ ଦିବସ। ରାଜ୍ୟର ସମସ୍ତ ଜିଲ୍ଲା ସମେତ ଦେଶର ବିଭିନ୍ନ ରାଜ୍ୟ ଓ ବିଶ୍ୱର ୧୯୦ଟି ସ୍ଥାନରେ ପାଳିତ ହେଉଛି ଏହି ଦିବସ। ଏ ଅବସରରେ ବାରିପଦାସ୍ଥ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଡଃ ସାମନ୍ତଙ୍କ ଏହି ଆର୍ଟ ଅଫ ଗିଭିଂ ଦେବାର କଳାର ତାତ୍ପର୍ଯ୍ୟ ବାବଦରେ ଆଲୋକପାତ କରିବା ପାଇଁ ଅନୁଷ୍ଠିତ ହୋଇଛି ସାଧାରଣ ସଭା। ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ସମ୍ମାନିତ ଅତିଥି ଭାବେ ବାରିପଦା ନଗରପାଳ କୃଷ୍ଣନାନନ୍ଦ ମହାନ୍ତି, ବାରିପଦା ଉପନଗରପାଳ ସୀମା ଦାସ ପ୍ରମୁଖ ଯୋଗଦେଇ ପ୍ରତିଟି ମଣିଷ ସମାଜରେ ପରସ୍ପରକୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇବା ଜରୁରୀ ବୋଲି ମତ ପ୍ରକାଶ କରିଛନ୍ତି। ଏହି ଆର୍ଟ ଅଫ ଗିଭିଂ ମାଧ୍ୟମରେ ଅଧିକରୁ ଅଧିକ ଲୋକ ଯୋଡି ହୋଇ ସମାଜକୁ ଆଗକୁ ନେବା ନିତ୍ୟନ୍ତ ଜରୁରୀ ବୋଲି କହିଛନ୍ତି। ବାରିପଦା କିସ ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ମିଶ୍ର ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିବାବେଳେ ଶେଷରେ ସତ୍ୟଜିତ ସୋମ ଧନ୍ୟବାଦ ଅର୍ପଣ କରିଛନ୍ତି। କାର୍ଯ୍ୟକ୍ରମ କୁ ବାରିପଦା କିସ ଆବାସିକ ବିଦ୍ୟାଳୟର ନୋଡାଲ ଅଧିକାରୀ ସତ୍ୟବ୍ରତ ଦାସ, ଅତିରିକ୍ତ ନୋଡାଲ ଅଧିକାରୀ ଜାଗ୍ରତ ସାହୁ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ ପ୍ରମୁଖ ପରିଚାଳନା କରିଛନ୍ତି।

# ଗଭୀର କୂଅରେ ଫସିଛି ବିରାଟକାୟ ଭାଲୁ



କପ୍ତିପଦା,୧୭।୫ (ସମିସ): ଗଭୀର କୂଅ (ଡାଗୱେଲ)ରେ ଫସିଛି ବିଶାଳକାୟ ଭାଲୁ। କପ୍ତିପଦା ବନାଞ୍ଚଳର ଦିନାସାହି ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଡାଗୱେଲରେ ପଡିଛି ଭାଲୁ। ଭାଲୁଟି ଜଙ୍ଗଲରୁ ଆସି ପ୍ରଥମେ ଏକ ଛୋଟ କୂଅ ଭିତରେ ପଶିବା ପରେ ସେଠାରୁ ବାହାରି ମହୁ ଖାଇଥିଲା। ମହୁ ଖାଇ ଗ୍ରାମ ଆଡ଼କୁ ଯିବା ସମୟରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଏକ ଡାଗୱେଲ ଭିତରେ ଗଳି ପଡିଛି। ଭାଲୁଟି ପଡ଼ିଥିବା ଡାଗୱେଲଟି ଶୁଖିଲା ଥିବାବେଳେ ବାହାରିବାକୁ ଉଦ୍ୟମ କରିବା ସହିତ ହୁଙ୍କାର ମାରୁଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ଭାଲୁ ନିକଟକୁ ଲୋକଙ୍କୁ ଯିବାକୁ ବାରଣ କରିଛି। ପ୍ରାୟ ୧୫ ଫୁଟ ତଳେ ଭାଲୁ ରହିଥିବାବେଳେ ତାକୁ ଉଦ୍ଧାର କରିବାକୁ ରାପିଡ୍ ରେସପନ୍ସ ଟିମର ସହାୟତା ଲୋଡ଼ିଛି ବନ ବିଭାଗ। ଭାଲୁ ଦେଖିବା ପାଇଁ ଗ୍ରାମବାସୀ ସେଠାରେ ଭିଡ଼ ଜମାଇ ଥିବାବେଳେ ଭାଲୁକୁ ଗରମରୁ ରକ୍ଷା କରିବାକୁ ବରଫ ଅଣାଯାଇଛି। ଭାଲୁଟି ଡାଗୱେଲରେ ଫସି ରହିଥିବାବେଳେ ପ୍ରବଳ ଖରା ସାଙ୍ଗକୁ ଜନଗହଳି ପାଇଁ ଭାଲୁକୁ ଉଦ୍ଧାର କରିବାରେ ବନ ବିଭାଗ ନାକେଦମ ହୋଇଛି। ତେବେ ଡାଗୱେଲ ଭିତରେ ଭାଲୁଟି ପ୍ରବଳ ଗ୍ରୀଷ୍ମ ତାତିରେ ସୁରକ୍ଷିତ ରହିବା ପାଇଁ ବନ ବିଭାଗ ପକ୍ଷରୁ ଭାଲୁ ପାଇଁ ବରଫ ଆସିଛି। ବଡ଼ ବଡ଼ ବରଫ ଆଣି ଭାଲୁକୁ ଥଣ୍ଡାରେ ରହିବା ପାଇଁ ଡାଗୱେଲ ଭିତରକୁ ବରଫ ପକାଯାଇଛି। ଯେପରି ଗ୍ରୀଷ୍ମ ଉତ୍ତାପରେ ଭାଲୁକୁ କୌଣସି କ୍ଷତି ନ ପହଞ୍ଚିବ, ସେଥିପାଇଁ ଭାଲୁକୁ ବରଫ ଦିଆଯାଇଛି। ବରଫ ଖଣ୍ଡ ଡାଗୱେଲ ଭିତରକୁ ଯିବା ପରେ ଭାଲୁଟି ତାହା ଉପରେ ଶୋଇଥିବା ଦେଖାଯାଇଛି। ଗ୍ରୀଷ୍ମ ପ୍ରବାହରେ ଭାଲୁକୁ ବାହାର କରିବା କଷ୍ଟକର ଥିବାରୁ ତାକୁ ଥଣ୍ଡା ପରିବେଶରେ ରଖି ସନ୍ଧ୍ୟା ସମୟରେ ଉଦ୍ଧାର କରାଯିବ ବୋଲି ରାପିଡ୍ ରେସପନ୍ସ ଟିମ୍ କହିଛି।

**ପଞ୍ଚପଲ୍ଲୀରେ ହାତୀ ଉପଦ୍ରବ**

# ମୁଖ୍ୟ ରାସ୍ତା ପାର୍ଶ୍ୱରେ କରୁଛନ୍ତି ଜଳକ୍ରୀଡ଼ା, ଯାତାୟାତ ଠପ୍



ବେତନଟୀ, ୧୭।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ବଢୁଛି। ଆଜି ଅପରାହ୍ଣରେ ବୈଶିଙ୍ଗା-ମାଣତ୍ରୀ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଥିବା ଜଳାଶୟରେ ୯ଟି ହାତୀ ଜଳକ୍ରୀଡ଼ା କରିବା ସହ ରାସ୍ତା ଉପରେ ବିଚରଣ କରିବାରୁ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଥିଲା। ଗତ ସପ୍ତାହେ ଧରି ଏହି ଅଞ୍ଚଳରେ ପ୍ରାୟ ୯ଟି ହାତୀ ଆତଙ୍କ ସୃଷ୍ଟି କରୁଛନ୍ତି। କ୍ଷୀରପଦା ଜଙ୍ଗଲରୁ ଆସିଥିବା ୩୭ଟି ହାତୀ ମଧ୍ୟରୁ ୨୮ଟି ଫେରି ଯାଇଥିବାବେଳେ ୯ଟି ହାତୀ ସ୍ଥାନୀୟ ଜଙ୍ଗଲରେ ରହିଯାଇଥିଲେ। ଆଜି ସେମାନେ ବୈଶିଙ୍ଗା-ମାଣତ୍ରୀ ରାସ୍ତା ନିକଟ ପଞ୍ଚପଲ୍ଲୀ ହାଇସ୍କୁଲ ନିକଟରେ ଥିବା ଜଳାଶୟରେ ବେଶ କିଛି ସମୟ ଧରି ଜଳକ୍ରୀଡ଼ା କରିଥିଲେ। ଏହା ଦେଖିବାକୁ ଶତାଧିକ ଲୋକ ଏକତ୍ରିତ ହୋଇଥିଲେ। ଭିଡ଼ ଦେଖି ହାତୀପଲ ଭିତରେ ଥିବା ବିରାଟ ମାଈ ହାତୀଟି ଆକ୍ରମଣାତ୍ମକ ହୋଇ ଉଠି ଲୋକଙ୍କୁ ଗୋଡ଼ାଇଥିଲା। ସନ୍ଧ୍ୟାରେ ଆଉ ୧୫ଟି ହାତୀ ଆସି ମିଶିବା ଫଳରେ ମୋଟ ୨୪ଟି ହାତୀ ରାସ୍ତା ନିକଟରେ ରହିଯାଇଥିଲେ। ଏହାକୁ ଦେଖି ବନ କର୍ମଚାରୀ ହାତୀପଲକୁ ଘଉଡ଼ାଇବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ବନ ବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ, ବିଳମ୍ବିତ ରାତି ଭିତରେ ସମସ୍ତ ହାତୀ ବୁଢ଼ାବଳଙ୍ଗ ନଦୀ ପାର କରି ନୀଳଗିରି ଅଭିମୁଖେ ଯାତ୍ରା କରିବେ ବୋଲି ଆଶା କରାଯାଉଛି। ଏଥିସହିତ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ଆସୁଥିବା ଦନ୍ତା ହାତୀ ଫୁଲାଡ଼ି ଓ ଜଙ୍ଗରାଇ ରାସ୍ତା ଦେଇ ବେତନଟୀ ଇଲାକାରେ ପ୍ରବେଶ କରୁଥିବା ଦେଖାଯାଉଛି। ସ୍ଥାନୀୟ ଲୋକ ହାତୀ ଉପଦ୍ରବରୁ ରକ୍ଷା ପାଇବା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନେଉ ବୋଲି ଦାବି କରିଛନ୍ତି।

# କୁଡୁମି ଜାତିର ବିକାଶ ପାଇଁ ଗ୍ରାମସ୍ତରୀୟ ସଚେତନତା



ମହୁଲଡିହା,୧୭।୫(ସମିସ): ଠାକୁରମୁଣ୍ଡା ବ୍ଲକ ଚମ୍ପାଝର ଗ୍ରାମରେ ବ୍ଲକ୍‌ସ୍ତରୀୟ କୁଡୁମି ସଂଗଠନ ଦ୍ୱାରା ଗ୍ରାମ୍ୟସ୍ତରୀୟ ଜାତିର ସଚେତନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଲକ୍ଷ୍ମୀଧର ମହାନ୍ତ ସଭାପତିତ୍ୱ କରିଥିଲେ। ଆରମ୍ଭରେ ରାଧାଶ୍ୟାମ ମହାନ୍ତ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଜାତିର ଭାଷା, ନେଗି, ନେଗାଚାରି, ସଂସ୍କୃତି ବନାମ ଅପସଂସ୍କୃତି, ଅଧିକାର ଆଦି ଉପରେ ଭାଗୀରଥି ମହାନ୍ତ, ଗଦାଧର ମହାନ୍ତ, ରବିନ୍ଦ୍ର ମହାନ୍ତ, ଭଗବାନ ମହାନ୍ତ, କମଳା ମହାନ୍ତ ପ୍ରମୁଖ ଆଲୋଚନା କରିଥିଲେ। ଶେଷରେ ଜାତିର ସଚେତନତାମୂଳକ ଝୁମର ଗୀତ ଝୁମର କଣ୍ଠଶିଳ୍ପୀ କର୍ମୀ ମହାନ୍ତ ଗାନ କରିଥିଲେ। ଗ୍ରାମରେ ପୂର୍ବରୁ ଥିବା ଗ୍ରାମ୍ୟ ଦେହୁରୀ ଚିନ୍ମୟ ମହାନ୍ତ, ବୁଧୁରାମ ମହାନ୍ତ, ଡାକୁଆ ଭାବେ ବ୍ରଜବନ୍ଧୁ ମହାନ୍ତ, ହରିହର ମହାନ୍ତଙ୍କୁ ପୁନଃଚୟନ କରାଯାଇଥିଲା। ନୂତନ ଗ୍ରାମ୍ୟ ପ୍ରଧାନ ଭାବେ ଲକ୍ଷ୍ମୀଧର ମହାନ୍ତ ଚୟନ ହୋଇଥିବାବେଳେ କମିଟିର ସଭ୍ୟ ଭାବେ ଭରତ ଚନ୍ଦ୍ର ମହାନ୍ତ, ଯୋଗେଶ୍ୱର ମହାନ୍ତ ଏବଂ ମହିଳା ସଭ୍ୟା ଭାବେ ମାଳତୀ ମହାନ୍ତ ଓ ପ୍ରଭାତୀ ମହାନ୍ତ ମନୋନୀତ ହୋଇଥିଲେ। ବୈଠକକୁ ସୁରେଶ ମହାନ୍ତ ପରିଚାଳନା କରିଥିଲେ। ପରବର୍ତ୍ତୀ ବୈଠକ ଆଗାମୀ ୨୨ ତାରିଖ ଜରକ ଗ୍ରାମ ପଞ୍ଚାୟତ ଘଣ୍ଟିଆଦର ଗ୍ରାମରେ କରିବା ପାଇଁ ସ୍ଥିର କରାଯାଇଛି।

## ଆଉ ନାହିଁ ଗ୍ରୀଷ୍ମ ଛୁଟିର ମଜା

# ପ୍ରତିଯୋଗିତାମୂଳକ ଦୁନିଆଁରେ ପଡୁଛି ଫିକା

ବଡ଼ସାହି,୧୭।୫(ସମିସ):

ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଶାସନ ବିଭିନ୍ନ ପର୍ଯ୍ୟାୟରେ ଛୁଟି ଘୋଷଣା କରୁଥିବାବେଳେ ସରକାରୀ ଭାବେ ଚଳିତବର୍ଷ ଏପ୍ରିଲ ୨୭ରୁ ଗ୍ରୀଷ୍ମ ଛୁଟି ଘୋଷଣା ହୋଇଥିବା ଜଣାଯାଇଛି। କାରଣ ଦୁର୍ଗାପୂଜା ଛୁଟି ଓ ଧାନ କଟା ଛୁଟି ଅପେକ୍ଷା ଏହା ଲମ୍ବା ଛୁଟି ହେଉଥିବାରୁ ସମସ୍ତଙ୍କ ପାଇଁ ଏହା ନିଆରା ଓ ସ୍ୱତନ୍ତ୍ର। ଛାତ୍ରୀଛାତ୍ର ହୁଅନ୍ତୁ ବା ଶିକ୍ଷକଶିକ୍ଷୟିତ୍ରୀ ସମସ୍ତଙ୍କର ଥାଏ ଏହି ଗ୍ରୀଷ୍ମଛୁଟିକୁ ଅପେକ୍ଷା। ବର୍ଷ ଯାକର ପାଠ ପଢିବା ଓ ପଢାଇବା କାମରୁ ମିଳିଥାଏ ବିରତି। ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଏହି ସମୟରେ ଅଭିଭାବକ, ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ସମସ୍ତେ ଅବସର ବିନୋଦନ ପାଇଁ ସ୍ୱତନ୍ତ୍ର ଯୋଜନା କରିଥା'ନ୍ତି। କେହି ମାମୁଁ, ମାଉସୀ, ପିଉସୀ ଓ ବନ୍ଧୁବାନ୍ଧବ ଘରକୁ ବୁଲି ଯାଇଥା'ନ୍ତି ତ କେହି ତୀର୍ଥଯାତ୍ରା କରିଥା'ନ୍ତି। ଏହି ଛୁଟିରେ ମାମୁଁଘରକୁ ଯିବା ମଜା ସବୁଠାରୁ ଅଧିକ। ମାମୁଁଘର ଗାଁ ଆମ୍ବ ତୋଟା, ବରଗଛ ଛାଇ ଓ ନଦୀକୂଳ ଜାମୁ ଗଛ ମୂଳରେ ସମୟ ବିତାଇବା ସହିତ ସାଙ୍ଗସାଥୀଙ୍କ ମେଳରେ ଗାଁ ପୋଖରୀ ଓ ନଦୀରେ ଗାଧୋଇବା ଓ ଖେଳିବାର ମଜା ନିଆରା ବୋଲି କହନ୍ତି, ଛାତ୍ର ରାକେଶ ବିଶ୍ୱାଳ। ଏବେ ବଦଳି ଯାଇଛି ପରିସ୍ଥିତି। ଆଗ ଭଳି ଆଉ ଗ୍ରୀଷ୍ମ ଛୁଟିର ମଉଜ ନାହିଁ। ଚଳିତ ଶିକ୍ଷାବର୍ଷରେ ଜୁନ ୧୭ରେ ବିଦ୍ୟାଳୟ ଓ କଲେଜ ଖୋଲିବ। ତେବେ ବର୍ତ୍ତମାନ ପ୍ରତିଯୋଗିତାମୂଳକ ଦୁନିଆଁରେ ଏହି ମଜା ଫିକା ପଡୁଛି। ଅଭିଭାବକଙ୍କ ସଚେତନତା ପାଇଁ ସେମାନେ ଏହି ଗ୍ରୀଷ୍ମ ଛୁଟିରେ ପିଲାଙ୍କୁ ଆଉ ବୁଲିବାକୁ ନ ପଠାଇ ସମର କୋର୍ସ ଓ ବିଭିନ୍ନ କୋଚିଂ ନେବା ପାଇଁ ବିଭିନ୍ନ ସ୍ଥାନକୁ ପଠାଉଥିବା ଦେଖାଯାଉଛି। କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ଆଗାମୀ ବର୍ଷ ପାଠ୍ୟକ୍ରମର ଟିଉସନ ମଧ୍ୟ କରାଉଛନ୍ତି। ତେଣୁ ଟିଉସନ ଛାଡି ବୁଲିଯିବା ସମ୍ଭବ ହେଉ ନ ଥିବା କୁହନ୍ତି ଛାତ୍ରୀ ନମ୍ରତା ମହାପାତ୍ର। ପଟିସାରୀର ଜଣେ ଅଭିଭାବକ ତାରିଣୀ କୁଅଁରବାବୁ କୁହନ୍ତି, ପୂର୍ବରୁ ଗ୍ରୀଷ୍ମ ଛୁଟିରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ ନିଜ ବୃତ୍ତିରୁ ବିରତ ରହି ବୁଲାବୁଲି କରୁଥିଲେ। ପାରମ୍ପାରିକ ପର୍ବପର୍ବାଣୀ ପାଳନ କରୁଥିଲେ। ଆଗାମୀ ଶିକ୍ଷାବର୍ଷ ପାଇଁ ପୁଣି ପ୍ରସ୍ତୁତ ହେଉଥିଲେ। ତେବେ ସେ ସବୁର ସମୟ ସରିଯାଇଛି। ଖରା ଛୁଟି ବ୍ୟବସାୟିକ ହୋଇଛି। ପଇସା ରୋଜଗାର ପାଇଁ ଶିକ୍ଷକ ପଢାଇବାରେ ବ୍ୟସ୍ତ ରହୁଥିବାବେଳେ ଅଭିଭାବକ ପିଲାଙ୍କୁ ବୁଲିବା ପରିବର୍ତ୍ତେ ପଢିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଛାତ୍ରୀ ଲିପ୍ସା ସାହୁ କୁହନ୍ତି, ଦଶମ ଶ୍ରେଣୀ ପାଠପଢା ପାଇଁ ଛୁଟିରେ ନିଜକୁ ପ୍ରସ୍ତୁତ କରୁଛି। ପରୀକ୍ଷାରେ ଅଧିକ ନମ୍ବର ରଖି ମାଆବାପାଙ୍କ ସ୍ୱପ୍ନକୁ ସାକାର କରିବାକୁ ଚେଷ୍ଟା କରୁଛି। ତେଣୁ ଭଲ ପଢି କିପରି ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବି, ସେ ଚିନ୍ତା ମତେ ଘାରିଛି।

ସେହିପରି ବଡ଼ସାହି ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ କହିଛନ୍ତି, ପ୍ରତିଯୋଗିତାମୂଳକ ଦୁନିଆଁରେ ଅଭିଭାବକ ବେଶ ସଚେତନ ରହୁଥିବାରୁ ସମ୍ପୂର୍ଣ୍ଣ ସିଷ୍ଟମ ବଦଳିଛି। ପିଲାଙ୍କ ଉପରେ ସେମାନେ ସମୟ ସମୟରେ ଆବଶ୍ୟକତାଠାରୁ ଅଧିକ ପାଠର ବୋଝ ଲଦି ଦେଉଛନ୍ତି, ଯାହାର କୁପ୍ରଭାବ ମଧ୍ୟ ରହିଛି। ପିଲାଙ୍କ ମାନସିକତାକୁ ନେଇ ଅଭିଭାବକ କାମ କଲେ ଅଧିକ ସଫଳତା ମିଳିବ ବୋଲି ସେ ପ୍ରକାଶ କରିଛନ୍ତି। ଜଣେ ଅଭିଭାବକ ପ୍ରଶାନ୍ତ କୁମାର ମହାନ୍ତି କୁହନ୍ତି, ଅଙ୍କବାଦୀ (ଡିଜିଟ) ସମାଜରେ ମାତାପିତାଙ୍କ ଆଶା ତାଙ୍କ ପିଲା କେତେ ଅଧିକ ମାର୍କ ରଖିବ। ତେଣୁ ପିଲାଙ୍କୁ ଯନ୍ତ୍ର ଭାବି ମାତାପିତା ଚାପ ଦେଇ ପଢିବାକୁ ବାଧ କରିଚାଲିଛନ୍ତି। ତେଣୁ ଖରାଛୁଟିରେ ବୁଲିବା, ମଜା କରିବା କମିଯାଉଛି। ଫଳରେ ସାମାଜିକ ସମ୍ପର୍କର ବନ୍ଧନ ମଧ୍ୟ ଫିକା ପଡୁଛି। ସାମ୍ବାଦିକ ଅଜିତ କୁମାର ସେନାପତି କୁହନ୍ତି, ପିଲାଙ୍କ ମାନସିକ ଅବସ୍ଥାକୁ ଅଭିଭାବକ ନିରୀକ୍ଷଣ କରୁନାହାନ୍ତି। ଅବସର ବିନୋଦନ ସମୟରେ ସେମାନଙ୍କୁ ପାଠପଢାରେ ପ୍ରବଳ ଚାପ ଦିଆଯାଉଛି। ଖରାଛୁଟିରେ ସମର କୋର୍ସ ଓ କମ୍ପ୍ୟୁଟର କୋର୍ସରେ ସେମାନଙ୍କୁ ଭର୍ତ୍ତି କରାଯାଉଛି। ବିଭିନ୍ନ ଘରୋଇ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏହାର ଫାଇଦା ନେଉଛନ୍ତି। ପିଲାଙ୍କ ମସ୍ତିଷ୍କ ଉପରେ ଯେପରି ଅଧିକ ଚାପ ନ ପଡ଼ିବ, ସେଥିପ୍ରତି ଅଭିଭାବକ ସଚେତନ ହେବା ଆବଶ୍ୟକ ହୋଇପଡିଛି। ନଚେତ ଶିକ୍ଷାର ଅଧୋଗତି ଘଟିପାରେ ବୋଲି ମତ ପ୍ରକାଶ ପାଇଛି।

